REGIONAL NEWS UNIT, AIR KATAKA

Mid-day Bulletin (2.32PM)

25 November – 2026

****

ମୁଖ୍ୟ ସମ୍ବାଦ

- ବିକଶିତ ଭାରତ ଗଠନ ଦିଗରେ ସ୍ୱାସ୍ଥ୍ୟ ସେବା ଓ ଶିକ୍ଷା ହେଉଛି ଦୁଇଟି ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ; କହିଲେ ରାଷ୍ଟ୍ରପତି

– ଭୁବନେଶ୍ୱରଠାରେ ଆୟୋଜିତ ଜାତୀୟ ବୈଜ୍ଞାନିକ ହୋମିଓପ୍ୟାଥ୍ ସମ୍ମିଳନୀକୁ କଲେ ଉଦ୍‌ଘାଟନ

– ନୂଆପଡ଼ା ଓ ନୟାଗଡ଼ଠାରେ ନୂଆ ହୋମିଓପ୍ୟାଥ୍ ମେଡିକାଲ କଲେଜ ପ୍ରତିଷ୍ଠା ନେଇ ସରକାରଙ୍କ ନିଷ୍ପତ୍ତି; କହିଲେ ମୁଖ୍ୟମନ୍ତ୍ରୀ

- ବିଧାନସଭାରେ କୋଟିଆ ପ୍ରସଙ୍ଗରେ ସ୍ୱତନ୍ତ୍ର ଆଲୋଚନା ପାଇଁ କଂଗ୍ରେସ ପକ୍ଷରୁ ଦାବି

ଏବଂ

- ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ୍‌ରେ ବିମ୍‌ଷ୍ଟେକ୍ ୨୩ ବର୍ଷ ବୟସରୁ କମ୍ ଆଥ୍‌ଲେଟିକ୍ସ ମିଟ୍ ୨୦୨୬ ଆଜିଠାରୁ ଆରମ୍ଭ

BBSR/R

ହୋମିଓପାଥି-ରାଷ୍ଟ୍ରପତି

ହୋମିଓପାଥିର ବିଶ୍ୱସନୀୟତା ବୃଦ୍ଧି କରିବା ପାଇଁ ବୈଜ୍ଞାନିକ ଗବେଷଣା, ପ୍ରମାଣ ଆଧାରିତ ମୂଲ୍ୟାଙ୍କନ ଏବଂ ରୋଗୀ ସୁରକ୍ଷାକୁ ସୁଦୃଢ଼ କରିବାକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆହ୍ୱାନ ଦେଇଛନ୍ତି । ଭୁବନେଶ୍ୱରସ୍ଥିତ ଡକ୍ଟର ଅଭିନ୍ନଚନ୍ଦ୍ର ହୋମିଓପାଥିକ୍ କଲେଜ ଆଣ୍ଡ୍ ହସ୍ପିଟାଲରେ ଆୟୋଜିତ ଜାତୀୟ ବୈଜ୍ଞାନିକ ହୋମିଓପାଥି ସମ୍ମିଳନୀରେ ଉଦ୍‌ବୋଧନ ଦେଇ ରାଷ୍ଟ୍ରପତି କହିଛନ୍ତି, ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ଦିଗରେ ଭାରତର ଯାତ୍ରାରେ ସ୍ୱାସ୍ଥ୍ୟସେବା ଓ ଶିକ୍ଷା ଦୁଇଟି ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ।

- V/O -

ହୋମିଓପାଥିର ଭବିଷ୍ୟତ, ବୈଜ୍ଞାନିକଙ୍କ ସଚ୍ଚୋଟତା ଓ କଠୋର ଗବେଷଣା ଏବଂ ପ୍ରମାଣ ଦ୍ୱାରା ପରିଚାଳିତ ହେବା ଆବଶ୍ୟକ । ବହୁକୈନ୍ଦ୍ରିକ କ୍ଲିନିକାଲ୍ ଅଧ୍ୟୟନ, ବ୍ୟବସ୍ଥିତ ଗବେଷଣା, ସ୍ୱଚ୍ଛ ରିପୋର୍ଟିଂ ଏବଂ ଚିକିତ୍ସା ପ୍ରତିଷ୍ଠାନ ଗୁଡ଼ିକ ମଧ୍ୟରେ ଅଧିକ ସହଯୋଗ ପାଇଁ ଶ୍ରୀମତୀ ମୁର୍ମୁ ଆହ୍ୱାନ ଦେଇଛନ୍ତି । କୃତ୍ରିମ ବୁଦ୍ଧିମତ୍ତା-ଏଆଇ, ଡିଜିଟାଲ ସ୍ୱାସ୍ଥ୍ୟ ପ୍ରଯୁକ୍ତିବିଦ୍ୟା ଏବଂ ଆଧୁନିକ ଗବେଷଣାର ପରିବର୍ତ୍ତନକାରୀ ଭୂମିକା ଉପରେ ଆଲୋକପାତ କରି ସେ ହୋମିଓପାଥି ପ୍ରତିଷ୍ଠାନଗୁଡ଼ିକୁ ବୈଷୟିକ ଅଗ୍ରଗତି ଓ ସମସାମୟିକ ଶିକ୍ଷାଦାନ ପଦ୍ଧତିକୁ ଗ୍ରହଣ କରିବା ପାଇଁ ରାଷ୍ଟ୍ରପତି ପରାମର୍ଶ ଦେଇଛନ୍ତି ।

କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ବୋଧନ ଦେଇ କହିଛନ୍ତି, ହୋମିଓପ୍ୟାଥିକ ଚିକିତ୍ସା ପଦ୍ଧତିର ଗୁଣାତ୍ମକ ବିକାଶ, ଶିକ୍ଷା ଓ ଗବେଷଣାକୁ ସୁଦୃଢ଼ କରିବାର ଆବଶ୍ୟକତା ରହିଛି। ହୋମିଓପ୍ୟାଥି ଚିକିତ୍ସା ପଦ୍ଧତି ଭାରତର ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶବିଶେଷ ହୋଇଥିଲେ ମଧ୍ୟ ଦୀର୍ଘସମୟ ଧରି ଏହାକୁ ଉପଯୁକ୍ତ ସ୍ୱୀକୃତି ଓ ସମ୍ମାନ ମିଳିନଥିଲା। ୨୦୧୪ ମସିହା ନଭେମ୍ବର ମାସ ୯ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆୟୁଷ ମନ୍ତ୍ରଣାଳୟ ଗଠନ କରି ହୋମିଓପ୍ୟାଥି କ୍ଷେତ୍ରକୁ ସ୍ୱତନ୍ତ୍ର ପରିଚୟ ଓ ଗୁରୁତ୍ୱ ପ୍ରଦାନ କରିଛନ୍ତି। ଯାହାଫଳରେ ଭାରତୀୟ ପାରମ୍ପରିକ ଚିକିତ୍ସା ପଦ୍ଧତି ସହିତ ହୋମିଓପ୍ୟାଥିର ବିକାଶ ପାଇଁ ନୂତନ ସୁଯୋଗ ସୃଷ୍ଟି ହୋଇଥିଲା।

ମୁଖ୍ୟମନ୍ତ୍ରୀ କହିଛନ୍ତି, ନୂଆପଡ଼ା ଓ ନୟାଗଡ଼ରେ ଦୁଇଟି ନୂତନ ହୋମିଓପ୍ୟାଥିକ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ସରକାରୀ ନିଷ୍ପତ୍ତି ଗ୍ରହଣ କରିଛନ୍ତି।

- V/O –

Assembly

ବିଧାନସଭା-ଇଣ୍ଟ୍ରୋ-କୋଟିଆ

ଓଡ଼ିଶା ବିଧାନସଭା ଶୀତକାଳୀନ ଅଧିବେଶନର ପଞ୍ଚମ ଦିନରେ ଆଜି ଗୃହକାର୍ଯ୍ୟ ସୁରୁଖୁରୁରେ ଚାଲିଛି। ଶୂନ୍ୟକାଳରେ କୋଟିଆ ପ୍ରସଙ୍ଗ

ଉଠାଇ କଂଗ୍ରେସ ସଦସ୍ୟ ତାରା ପ୍ରସାଦ ବାହିନୀପତି' ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଶ୍ରୀ ବାହିନୀପତି କହିଥିଲେ, ଆନ୍ଧ୍ରପ୍ରଦେଶ ସରକାରଙ୍କ ପକ୍ଷରୁ କୋଟିଆରେ ହେଉଥିବା ପଞ୍ଚାୟତ ନିର୍ବାଚନ ପାଇଁ ୫୪ ଜଣ ପ୍ରାର୍ଥୀପତ୍ର ଦାଖଲ କରିସାରିଲେଣି। ରାଜ୍ୟ ସରକାର ଏହି ପ୍ରସଙ୍ଗ ଉପରେ ସ୍ୱତନ୍ତ୍ର ଆଲୋଚନା କରିବା ବଦଳରେ ରାଜସ୍ୱ ବିଭାଗର ଅତିରିକ୍ତ ଖର୍ଚ୍ଚଦାବି ସହିତ ଏହାକୁ ଆଲୋଚନା ପାଇଁ ସ୍ଥିର କରିଥିବା ନେଇ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆସନ୍ତାକାଲି କୋଟିଆ ଉପରେ ଗୃହରେ ସ୍ୱତନ୍ତ୍ର ଆଲୋଚନା ପାଇଁ ଅନୁମତି ଦେବା ପାଇଁ ବାଚସ୍ପତିଙ୍କଠାରେ ଶ୍ରୀ ବାହିନୀପତି ଦାବି କରିଥିଲେ।

BBSR/R

ବିଧାନସଭା– ନୂଆକୃଷି ମହାବିଦ୍ୟାଳୟ

ରାଜ୍ୟରେ ଆଉ ଦୁଇଟି ନୂଆ କୃଷି ମହାବିଦ୍ୟାଳୟ ମୟୂରଭଞ୍ଜ ଏବଂ ବଲାଙ୍ଗୀରଠାରେ ପ୍ରତିଷ୍ଠା ହେବ ବୋଲି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି। ବିଧାନସଭାରେ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ କହିଛନ୍ତି, କେନ୍ଦ୍ର ସରକାରଙ୍କ ଜାତୀୟ ଶିକ୍ଷା ନୀତି ଏବଂ ଓଡ଼ିଶା ଶିକ୍ଷା ଅଧିନିୟମ-୧୯୬୯ ଆଧାରରେ ରାଜ୍ୟ ସରକାର ନୂଆ କୃଷି ମହାବିଦ୍ୟାଳ ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ନେଉଛନ୍ତି।

HS

ରକ୍ତହୀନତା

ରାଜ୍ୟରେ ପ୍ରାୟ ୬୦ ପ୍ରତିଶତ ବୟସ୍କ ମହିଳା ଓ ୪୫ ପ୍ରତିଶତ କିଶୋରୀ ରକ୍ତହୀନତାର ଶିକାର ହେଉଛନ୍ତି ବୋଲି ଆଇ.ସି.ଏମ୍.ଆର୍. ଓ ଏନ୍.ଆଇ.ଏନ୍.ର ସର୍ବେକ୍ଷଣରୁ ଜଣାପଡ଼ିଛି। ୩୫ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୨ ଲକ୍ଷ ଲୋକଙ୍କୁ ନେଇ ସର୍ବେକ୍ଷଣ କରାଯାଇଥିଲା। ରକ୍ତହୀନତା କ୍ଷେତ୍ରରେ ଜାତୀୟ ହାରଠାରୁ ମହିଳାଙ୍କ କ୍ଷେତ୍ରରେ ଓଡ଼ିଶା ପଛରେ ଥିବା ସର୍ବେକ୍ଷଣରୁ ଜଣାପଡ଼ିଛି। ଏକ ବର୍ଷ ବୟସରୁ ୫ ବର୍ଷ ବୟସର ଶିଶୁମାନଙ୍କ କ୍ଷେତ୍ରରେ ୩୫ ଦଶମିକ ୮ ପ୍ରତିଶତ ଶିଶୁ ରକ୍ତହୀନତାରେ ଆକ୍ରାନ୍ତ ଥିବା ସର୍ବେକ୍ଷଣରେ କୁହାଯାଇଛି।

Desk

ଟିକସଦାତା ହବ୍

ଓଡ଼ିଶା ଆୟକର ବିଭାଗ ପକ୍ଷରୁ ଭୁବନେଶ୍ୱରଠାରେ ୩ ଦିନିଆ ‘ଟିକସଦାତା ହବ୍ ୨୦୨୬’ ଆଜିଠାରୁ ହୋଇଛି। ଏହି କାର୍ଯ୍ୟକ୍ରମ ଆସନ୍ତା ୨୭ ତାରିଖ ଶୁକ୍ରବାର ପର୍ଯ୍ୟନ୍ତ ଚାଲିବ । ଟିକସଦାତାମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି, କର ପ୍ରଦାନକୁ ପ୍ରୋତ୍ସାହନ ଏବଂ ଆୟକର ବିଭାଗ ଓ ସମାଜର ବିଭିନ୍ନ ବର୍ଗ ମଧ୍ୟରେ ସଂପର୍କ ସୁଦୃଢ଼ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ । ଉଦ୍‌ଘାଟନୀ ସମାରୋହରେ ଓଡ଼ିଶା ଆୟକର ବିଭାଗ ସହିତ ପଶ୍ଚିମବଙ୍ଗ ଓ ସିକିମ୍‌ର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଛନ୍ତି।

BBSR/R

ବିଧାନସଭା– ରାସନକାର୍ଡ ଆବେଦନ

ରାଜ୍ୟରେ ନୂତନ ରାସନକାର୍ଡ ନିମନ୍ତେ କରାଯାଇଥିବା ୨୩ ଲକ୍ଷ ୧୫ ହଜାର ୯୪୬ ଆବେଦନ ମଧ୍ୟରୁ ୧୮ ଲକ୍ଷ ୬ ହଜାର ୧୬୯ଟି ଆବେଦନଗୁଡ଼ିକର କ୍ଷେତ୍ର ତର୍ଜମା ସମ୍ପନ୍ନ ହୋଇସାରିଛି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବିଧାନସଭାରେ କହିଛନ୍ତି। ଏକ ଲିଖିତ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି, ଓଡ଼ିଶା ଖାଦ୍ୟ ସୁରକ୍ଷା ନିୟମ-୨୦୨୦ ଆଧାରରେ ୭ ଲକ୍ଷ ୭୬ ହଜାର ୮୧୪ ପରିବାରର ୧୫ ଲକ୍ଷ ୩୮ ହଜାର ୯୨ ଜଣ ହିତାଧିକାରୀଙ୍କୁ ଗତ ଦୁଇ ବର୍ଷ ମଧ୍ୟରେ ରାସନକାର୍ଡ ପ୍ରଦାନ କରାଯାଇଛି। କ୍ଷେତ୍ର ତର୍ଜମା ପରେ ଅଯୋଗ୍ୟ ହୋଇଥିବା ୧୦ ଲକ୍ଷ ୨୯ ହଜାର ୩୫୫ଟି ଆବେଦନକୁ ଅଗ୍ରାହ୍ୟ କରାଯାଇଛି। ଇ-କେୱାଇସି କରିନଥିବା କୌଣସି ଯୋଗ୍ୟ ହିତାଧିକାରୀଙ୍କୁ ଖାଦ୍ୟଶସ୍ୟରୁ ବଞ୍ଚିତ କରାଯିବ ନାହିଁ; ପୂର୍ବଭଳି ମାସିକ ଧାର୍ଯ୍ୟ ଖାଦ୍ୟଶସ୍ୟ ବଣ୍ଟନ କରାଯାଉଛି ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି।

ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ଖାଦ୍ୟ ଯୋଗାଣ ମନ୍ତ୍ରୀ କହିଛନ୍ତି, ରାଜ୍ୟରେ ପିଡିଏସ୍ ବ୍ୟବସ୍ଥାରେ ୪୦ଟି ଅନିୟମିତତା ମାମଲା ଚିହ୍ନଟ କରାଯାଇ ୧୩୯ ଜଣ ଡିଲରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

BBSR/R

ବିଧାନସଭା– ଦୁଗ୍ଧ ଉତ୍ପାଦନ

ରାଜ୍ୟରେ ଗତ ଆର୍ଥିକ ବର୍ଷରେ ଦିନକୁ ୭୫ ଲକ୍ଷ ଲିଟର ଦୁଗ୍ଧ ଉତ୍ପାଦନ ହେଉଛି ବୋଲି ବିଧାନସଭାରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି। ଏକ ଲିଖିତ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଛନ୍ତି, ଗୋପାଳନ ଓ ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ରାଜ୍ୟକୁ ଆତ୍ମନିର୍ଭର କରିବା ପାଇଁ ଓଡ଼ିଶା ଭିଜନ୍ ଡକ୍ୟୁମେଣ୍ଟରେ ୨୦୨୯ ବର୍ଷ ସୁଦ୍ଧା ଦିନକୁ ୮୦ ଲକ୍ଷ ଲିଟର ଓ ୨୦୩୬ ମସିହା ସୁଦ୍ଧା ଦିନକୁ ୧୬୫ ଲକ୍ଷ ଲିଟର ଧାର୍ଯ୍ୟ କରାଯାଇଛି।

ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି, ରାଜ୍ୟର ପ୍ରାଣୀ ଆଶ୍ରୟସ୍ଥଳୀ ନିର୍ମାଣ ପାଇଁ ୯୦ ପ୍ରତିଶତ ରିହାତିର ବ୍ୟବସ୍ଥା ରହିଛି। ଯୋଜନାରେ ଗୋଶାଳା ନିର୍ମାଣ ପାଇଁ ୨୦ ଲକ୍ଷ, ୩୬ ଲକ୍ଷ, ୫୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ଅନୁଦାନ ଯୋଗ୍ୟ ପ୍ରାଣୀ କଲ୍ୟାଣ ସଂସ୍ଥାମାନଙ୍କୁ ଦିଆଯାଉଛି। ଏହାସହିତ ଗୋଶାଳାଗୁଡ଼ିକୁ ଗାଈଗୋରୁଙ୍କ ଖାଦ୍ୟ, ଚିକିତ୍ସା ଓ ରକ୍ଷଣାବେକ୍ଷଣ ପାଇଁ ଗୋରୁ ପିଛା ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ସହାୟତା ଦିଆଯାଉଛି ବୋଲି ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଛନ୍ତି।

BBSR/R

ବିଧାନସଭା– ବିଜ୍ଞାନ କେନ୍ଦ୍ର

ରାଜ୍ୟରେ ୭ଟି ଜିଲ୍ଲାରେ ବିଜ୍ଞାନ କେନ୍ଦ୍ର ନିର୍ମାଣ ପାଇଁ ଯୋଜନା କରାଯାଉଥିବା ବିଧାନସଭାରେ ବିଜ୍ଞାନ ଓ ପ୍ରଯୁକ୍ତବିଦ୍ୟା ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର କହିଛନ୍ତି। ଏକ ଲିଖିତ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି,

ଜଗତସିଂହପୁର, କଳାହାଣ୍ଡି, ବୌଦ୍ଧ, ଝାରସୁଗୁଡ଼ା, କେନ୍ଦ୍ରାପଡ଼ା, ନୂଆପଡ଼ା ଏବଂ ଗଜପତିଠାରେ ନୂତନ ବିଜ୍ଞାନ କେନ୍ଦ୍ର ନିର୍ମାଣ କରାଯିବ। ସାଧାରଣ ଜନତା ତଥା ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଜ୍ଞାନ ଓ ବୈଷୟିକ ଜ୍ଞାନର ପ୍ରସାର ସହିତ ବୈଜ୍ଞାନିକ ମନୋଭାବର ବିକାଶକୁ ସରକାର ପ୍ରାଥମିକତା ଦେଉଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି। ଜୟପୁର, ଘଟଗାଁ, ବାରିପଦା ଏବଂ ରାଉରକେଲାଠାରେ ଗୋଟିଏ ଲେଖାଏଁ ଜିଲ୍ଲା ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ଏହାବ୍ୟତୀତ ବରଗଡ଼ ଜିଲ୍ଲାର ଟୁକୁର୍ଲାଠାରେ ଭାରତ ସରକାର ଓ ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ ଏକ ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ଗଞ୍ଜାମ, ଭଦ୍ରକ ଓ ବଲାଙ୍ଗୀରଠାରେ ଜିଲ୍ଲା ବିଜ୍ଞାନ କେନ୍ଦ୍ର ନିର୍ମାଣାଧୀନ ରହିଛି।

Desk

ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୯ ତାରିଖ ରବିବାର ଦିନ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ସହ ଭାବ ବିନିମୟ କରିବେ । ଏହା ହେବ ପ୍ରଧାନମନ୍ତ୍ରୀଙ୍କର ମାସିକ ରେଡିଓ ମନ୍ କି ବାତ୍ କାର୍ଯ୍ୟକ୍ରମର ୧୪୦ତମ ସଂସ୍କରଣ । ଏଥିପାଇଁ ପ୍ରଧାନମନ୍ତ୍ରୀ ଲୋକମାନଙ୍କୁ ମତାମତ ଦେବାକୁ ଅନୁରୋଧ କରିଛନ୍ତି । ଜନସାଧାରଣ ନମୋ ଆପ୍ ଓ My Gov ପୋର୍ଟାଲ୍‌ରେ ମତାମତ ଦେଇ ପାରିବେ । ଏହା ବ୍ୟତୀତ ସେମାନେ 1800-11-7800 ଡାଏଲ୍ କରି ମତାମତ

ରେକର୍ଡ କରିପାରିବେ । ଏଥିସହ 1922 କୁ ମିସ୍‌ଡ କଲ୍ ଦେଇ SMS ଅନୁସାରେ ନିଜର ମତାମତ ଆସନ୍ତା ୨୭ ତାରିଖ ମଧ୍ୟରେ ଦେଇପାରିବେ ।

ମନ୍ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟ୍‌ୱର୍କ, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ ।

Bhadrak

ସ୍ପୋର୍ଟ୍ସ କମ୍ପ୍ଲେକ୍ସ

ଭଦ୍ରକ ସହର ବାଗୁରାଇଠାରେ ନିର୍ମାଣାଧୀନ ଇଣ୍ଡୋର ସ୍ପୋର୍ଟସ କମ୍ପ୍ଲେକ୍ସର ଅଗ୍ରଗତି ନେଇ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ସମୀକ୍ଷା କରିଛନ୍ତି। ନିର୍ମାଣ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

Desk

ବିମ୍‌ଷ୍ଟେକ୍

ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ୍‌ରେ ବିମ୍‌ଷ୍ଟେକ୍ ୨୩ ବର୍ଷ ବୟସରୁ କମ୍ ଆଥ୍‌ଲେଟିକ୍ସ ମିଟ୍ ୨୦୨୬ ଆଜିଠାରୁ ଆରମ୍ଭ ହୋଇଛି। ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଆଥଲେଟିକ୍ସ ଫେଡେରେସନ୍ ଅଫ୍ ଇଣ୍ଡିଆର ମିଳିତ ଆନୁକୂଲ୍ୟରେ ଏହି ଚମ୍ପିୟାନ୍‌ସିପ୍ ଆୟୋଜିତ ହେଉଛି। ଭାରତ ସମେତ ବାଂଲାଦେଶ, ଭୁଟାନ, ମ୍ୟାଁମାର,

ନେପାଳ ଏବଂ ଶ୍ରୀଲଙ୍କାର ୨୦୦ରୁ ଉର୍ଦ୍ଧ୍ୱ କ୍ରୀଡ଼ାବିତ୍ ଏଥିରେ ଭାଗ ନେବେ ।

Desk

ପାଣିପାଗ

ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିଛି । ଆସନ୍ତା ୨ରୁ ୩ ଦିନ ମଧ୍ୟରେ ସର୍ବନିମ୍ନ ତାପମାତ୍ରା ୪ରୁ ୫ ଡିଗ୍ରୀ ସେଲ୍‌ସିୟସ ହ୍ରାସ ପାଇବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି । ରାଜ୍ୟର କେତେକ ଜିଲ୍ଲାରେ ହାଲୁକାରୁ ମଧ୍ୟମ କୁହୁଡ଼ି ଦେଖାଦେବା ସହ ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର ଓ କୋରାପୁଟରେ ଘନ କୁହୁଡ଼ି ହେବା ନେଇ ସତର୍କ ସୂଚନା ଜାରି କରାଯାଇଛି ।